ସଂଖ୍ୟା 48595 ~~ଏଫ.ଏଫ.ପି-10/2004~~ /ଅର୍ଥ

ଓଡିଶା ସରକାର

ଅର୍ଥ ବିଭାଗ

...

## ନିର୍ଦ୍ଧାରଣ

ଭୁବନେଶ୍ୱର, ତା 4.11.04 ରିଖ

ବିଷୟ: ଅର୍ଥ ବିଭାଗ ନିର୍ଦ୍ଧାରଣ ସଂଖ୍ୟା 47348 ତା 9.10.2002 ରିଖରେ ପ୍ରକାଶିତ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଯୋଜନା ସମ୍ବନ୍ଧରେ ।

ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ମଞ୍ଜୁରି ପାଇଁ ପୂର୍ବରୁ ଆବେଦନ କରିବାର ଶେଷ ତାରିଖ ତା 27.04.1990 କୁ ଧାର୍ଯ୍ୟ କରାଯାଇଥିଲା । ଏହି ନିର୍ଦ୍ଧାରିତ ସମୟ ସୀମା ପରେ ଏ ସମ୍ପର୍କିତ କୌଣସି ଦରଖାସ୍ତ ବିଚାର କରାଯାଉନଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ବହୁ ସ୍ୱାଧୀନତା ସଂଗ୍ରାମୀ ସଂଗଠନ ଓ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦାବି ଓ ମତାମତକୁ ବିଚାରକୁ ନିଆଯାଇ ରାଜ୍ୟ ସରକାର ସ୍ଥିର କଲେ ଯେ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ଦେଶ ମାତୃକାର ମୁକ୍ତି ପାଇଁ ଜେଲ ନିର୍ଯ୍ୟାତନା ସହ୍ୟ ନ କରି ମଧ୍ୟ ତତ୍କାଳୀନ ବ୍ରିଟିଶ୍ ରାଜୁର ଅକଥନୀୟ ନିର୍ଯ୍ୟାତନା ଭୋଗ କରିଅଛନ୍ତି । କିନ୍ତୁ ସେମାନଙ୍କର ନିର୍ଯ୍ୟାତନାର ସତ୍ୟତା ସମ୍ବନ୍ଧରେ ସେ ସମୟର ସରକାରୀ ରେକର୍ଡରେ କୌଣସି ଉଲ୍ଲେଖ ନଥିବାରୁ ଭତ୍ତା ପାଇବାରୁ ବଞ୍ଚିତ ହୋଇଅଛନ୍ତି, ସେହିସବୁ ଶ୍ରେଣୀଭୁକ୍ତ ସଂଗ୍ରାମୀ ମାନଙ୍କୁ ଯଥାର୍ଥ ସମ୍ମାନଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ <u>ଉଦାରୀକୃତ</u> ଭତ୍ତା ଯୋଜନା ଅର୍ଥ ବିଭାଗ ନିର୍ଦ୍ଧାରଣ <u>ସଂଖ୍ୟା 47348 ତା 9.10.2002 ରିଖରେ ଜାରି କରିଥିଲେ</u> । ତଦନୁସାରେ ବହୁ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଇତିମଧ୍ୟରେ ଚିହ୍ନଟ କରାଯାଇ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ମଞ୍ଜୁର କରାଯାଇଅଛି ।

ସମ୍ପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଅଛି ଯେ କେତେକ ବେସରକାରୀ ସଂଗଠନ ଏବଂ ଅସାଧୁ ବ୍ୟକ୍ତି ଲୋକମାନଙ୍କୁ ପ୍ରଲୋଭନ ଦେଖାଇ ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ନିମିତ୍ତ ଆବେଦନ କରିବାକୁ ପ୍ରୋତ୍ସାହିତ କରୁଅଛନ୍ତି । ଏହା ଫଳରେ ବହୁ ଅବାଞ୍ଛିତ ବ୍ୟକ୍ତି ଜାଲ୍ ଏବଂ ମିଥ୍ୟା ପ୍ରମାଣପତ୍ର ପ୍ରଦାନ କରି ଭତ୍ତାପାଇଁ ଆବେଦନ କରୁଅଛନ୍ତି ।

ଏଣୁ ସରକାର ପୁଙ୍ଖାନୁପୁଙ୍ଖ ଭାବରେ ବିଚାର କରି ସ୍ଥିର କରିଛନ୍ତି ଯେ ତା 31.12.2004 ତାରିଖ ଠାରୁ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପାଇଁ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ।

ଆଦେଶ : ଉପରୋକ୍ତ ନିର୍ଦ୍ଧାରଣଟି ଓଡିଶା ଗେଜେଟ୍‌ରେ ପ୍ରକାଶ କରାଯାଉ ଏବଂ ତାହାର ନକଲ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ/ଅର୍ଥମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ/ଅଧ୍ୟକ୍ଷ ଏବଂ ସମସ୍ତ ସଭ୍ୟ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା କମିଟି/ସମସ୍ତ ଜିଲ୍ଲାପାଳ/ସରକାରଙ୍କ ସମସ୍ତ ବିଭାଗ/ସମସ୍ତ ବିଭାଗୀୟ ମୁଖ୍ୟ/ଓଡିଶା ଆକାଉଣ୍ଟାଣ୍ଟ ଜେନେରାଲ, ଭୁବନେଶ୍ୱର ଏବଂ ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ, ପୁରୀଙ୍କୁ ପ୍ରେରଣ କରାଯାଉ ।

ସ୍ୱା–ଶାରଦା ପ୍ରସାଦ ସ୍ୱାଇଁ

ଅତିରିକ୍ତ ଶାସନ ସଚିବ

ପୃଷ୍ଠା....2

ସ୍ମାରକ ସଂଖ୍ୟା 48596(267) /ଅର୍ଥ, ତା 4.11.04

ଏହାର ନକଲ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ/ଅର୍ଥମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ/ଅଧ୍ୟକ୍ଷ ଏବଂ ସମସ୍ତ ସଭ୍ୟ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା କମିଟି/ସରକାରଙ୍କ ସମସ୍ତ ବିଭାଗ/ସମସ୍ତ ବିଭାଗୀୟ ମୁଖ୍ୟ/ସମସ୍ତ ଜିଲ୍ଲାପାଳ/ଓଡ଼ିଶା ଆକାଉଣ୍ଟାଣ୍ଟ ଜେନେରାଲ୍, ଭୁବନେଶ୍ୱର ଏବଂ ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ, ପୁରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅନୁଶାସନ ସଚିବ ।

ସ୍ମାରକ ସଂଖ୍ୟା 48597(4) /ଅର୍ଥ 4.11.04

ଏହାର ନକଲ ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗଙ୍କ ସଦୟ ଅବଗତି ନିମନ୍ତେ ତାଙ୍କର ବ୍ୟକ୍ତିଗତ ସଚିବ/ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଗ(ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଉପବିଭାଗ)ଙ୍କ ବ୍ୟକ୍ତିଗତ ସଚିବ/ଯୁଗ୍ମ ଶାସନ ସଚିବ, ଅର୍ଥ ବିଭାଗ(ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଉପବିଭାଗ)ଙ୍କ ବ୍ୟକ୍ତିଗତ ସଚିବ/ଅନୁଶାସନ ସଚିବ, ଅର୍ଥ ବିଭାଗ(ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଉପବିଭାଗ) ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅନୁଶାସନ ସଚିବ ।

ସ୍ମାରକ ସଂଖ୍ୟା 48598 /ଅର୍ଥ, ତା 4.11.04 ରିଖ

ଏହାର 50 କପି ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଉପବିଭାଗକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅନୁଶାସନ ସଚିବ ।

ସ୍ମାରକ ସଂଖ୍ୟା 48599 /ଅର୍ଥ, ତା 4.11.04 ରିଖ

ଏହାର ନକଲ ନିର୍ଦ୍ଦେଶକ, ଓଡ଼ିଶା ମୁଦ୍ରଣ ଲିଖନ ସାମଗ୍ରୀ ଓ ପ୍ରକାଶନଙ୍କୁ ପ୍ରେରଣ କରି ଅନୁରୋଧ କରାଯାଉଅଛି କି ଯେ ସେ ଗେଜେଟ୍‌ରେ ଉକ୍ତ ନିର୍ଦ୍ଧାରଣଟିକୁ ତୁରନ୍ତ ପ୍ରକାଶ କରି ତାହାର 100 ନକଲ ଏହି ବିଭାଗର ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଉପବିଭାଗକୁ ପଠାଇବେ ।

ଅନୁଶାସନ ସଚିବ ।

ସ୍ମାରକ ସଂଖ୍ୟା 48600 /ଅର୍ଥ, ତା 4.11.04 ରିଖ

ଏହାର ଏକକିତା ନକଲ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ପ୍ରେରଣ କରାଯାଇ ଅନୁରୋଧ କରାଯାଉଅଛି ଯେ ଏହି ନିର୍ଦ୍ଧାରଣଟିକୁ ପ୍ରମୁଖ ଓଡ଼ିଆ ଦୈନିକ ସମ୍ବାଦପତ୍ର ଯଥା-''ସମାଜ'' ଏବଂ ''ଧରିତ୍ରୀ'' ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉ ।

ଅନୁଶାସନ ସଚିବ ।

ବାଉ/